Total No. of printed pages : 12

**SET–B**

Roll No.

**702R / D.E(R)**
**Regular / Dis. Edu. (Regular)**
**ARTS – M.I.L (ODIA)**
**(As per 2018 Syllabus)**

# 2018 (A)

## ARTS

## M.I.L. (ODIA)

Full Marks - 100

Time - 3 Hours

*The figure in the right-hand margin indicate marks.*

*ଦକ୍ଷିଣ-ପାର୍ଶ୍ୱରେ ସୂଚିତ ଅଙ୍କ ପ୍ରଶ୍ନର ମୂଲ୍ୟ ସୂଚାଏ ।*

୧ । କ) **ତିନୋଟି** ପ୍ରଶ୍ନର ଉତ୍ତର *ଗୋଟିଏ* ଲେଖାଏଁ ବାକ୍ୟରେ ଦିଅ :

୧ ×୩=୩

i) ଇତିହାସ ବଜ୍ର ଗମ୍ଭୀର ସ୍ୱରରେ କ'ଣ ଘୋଷଣା କରିଛି ?

ii) ଉତ୍କଳବାସୀ କେଉଁ ନଦୀ ତୀରରେ ବସି ପିପାସୀ ହୋଇଛନ୍ତି?

P.T.O.

iii) ଗୋସେଇଁଙ୍କୁ କିଏ ଛେଳିଟିଏ ଦାନ କରିଥିଲେ ?

iv) କେଉଁମାନଙ୍କୁ ତାଲିମ ଦେଇ ଫଉଜ ପୋଷାକ ପିନ୍ଧାଇଲେ ଦେଶର ସ୍ୱାଧୀନତା ରହିପାରିବ ନାହିଁ ?

ଖ) **ଦୁଇଗୋଟି** ପ୍ରଶ୍ନର ଉତ୍ତର *ଦୁଇଟି* ଲେଖାଏଁ ବାକ୍ୟରେ ପ୍ରଦାନ କର ଏବଂ ପ୍ରଶ୍ନାନୁସାରେ ପ୍ରତିଟି ଉତ୍ତରରେ ଲେଖା ଓ ଲେଖକଙ୍କ ସୂଚନା ଦେବା ଆବଶ୍ୟକ : ୨×୨=୪

i) ଫରାସୀ ରାଷ୍ଟ୍ରବିପ୍ଳବ କଥା ସ୍ମରଣ କଲେ କ'ଣ ହୁଏ ?

ii) ଯେଉଁଠି ଶିକ୍ଷିତ ଭୋଟଦାତାମାନେ ଉଦାସୀନ, ସେଠାରେ କ'ଣ ହେବ ?

iii) 'ସୁଜଳା ସୁଫଳା ଶସ୍ୟଶ୍ୟାମଳା' ଉତ୍କଳ ଭୂମିର ଅବସ୍ଥା ଆଜି କିପରି ହୋଇଛି ?

ଗ) ଯେକୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର *୩୦ଟି* ଶବ୍ଦ ମଧ୍ୟରେ ଲେଖ । ଉତ୍ତରରେ ଲେଖା ଓ ଲେଖକଙ୍କ ସୂଚନା ଦେବା ବାଞ୍ଛନୀୟ : ୩

i) କୋଣାର୍କକୁ ଏକ ଦୃପ୍ତ ଓ ଗର୍ବିତ ଜାତିର ପରାକ୍ରମର ପ୍ରତୀକ ବୋଲି ଲେଖକ କାହିଁକି କହିଛନ୍ତି ?

ii) ଭାରତ ସରକାର ଆମେରିକାରେ ଥିବା ଛାତ୍ର ପାଖକୁ କ'ଣ ଚିଠି ଲେଖିଥିଲେ ?

ଘ) ଯେକୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର *୧୫୦ଟି* ଶବ୍ଦ ମଧ୍ୟରେ ପ୍ରଦାନ କର । ଉତ୍ତରରେ ଲେଖା ଓ ଲେଖକଙ୍କ ସୂଚନା ଦିଅ : ୫

i) ନିଜ ଜାତିର ଇତିହାସ ଜାଣିବା ପ୍ରତ୍ୟେକ ଜାତିବତ୍ସଳ ବ୍ୟକ୍ତିର କର୍ତ୍ତବ୍ୟ - ପଠିତ ପ୍ରବନ୍ଧ ଅବଲମ୍ବନରେ ଏହାର ସତ୍ୟତା ନିରୂପଣ କର ।

ii) ଶିକ୍ଷାକୁ ଆମ ଦେଶରେ ଶେଷ ସ୍ଥାନ ନ ଦେଇ ଶୀର୍ଷ ସ୍ଥାନ ଦିଆଯିବା ଉଚିତ - ପ୍ରାବନ୍ଧିକଙ୍କ ମତ ଉପସ୍ଥାପନ କର ।

ଙ) ପ୍ରତ୍ୟେକ ପ୍ରଶ୍ନର **ଚାରୋଟି** ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ତନ୍ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ : ୧×୫=୫

i) ପ୍ରସିଦ୍ଧ ପଣ୍ଡିତ ପ୍ରଚଳିତ ଇତିହାସକୁ ଗଭୀରତାଶୂନ୍ୟ କେଉଁ ଗଳ୍ପ ବୋଲି କହିଚନ୍ତି ?

(ଗାଲଗଳ୍ପ, ଅସୁର ଅସୁରୁଣୀ ଗଳ୍ପ, ଗ୍ରାମ୍ୟଗଳ୍ପ, ଆଇମା' ଗଳ୍ପ)

ii) ଶିକ୍ଷାର କେଉଁ କଥା ନ ରୋକିଲେ ଆମର ଅବସ୍ଥା ଶୋଚନୀୟ ହେବ ବୋଲି କୁହାଯାଇଛି ?

(ଊର୍ଦ୍ଧ୍ୱଗତି, ଅଧୋଗତି, ଦୁର୍ଗତି, ବିପରୀତ ଗତି)

iii) ଗଣତନ୍ତ୍ରର ମେରୁଦଣ୍ଡ କ'ଣ ?

(ଲୋକ ପ୍ରତିନିଧି ମନୋନୟନ, ଏକଛତ୍ରବାଦ, ସାମ୍ରାଜ୍ୟବାଦ, ଏକକ ମନୋନୟନ)

iv) କାହାର କୋଳାହଳ ପାଇଁ ନୀଳାଚଳ ନାଥଙ୍କ କାନରେ ଭକ୍ତର କାତର ଡାକ ପଡ଼େ ନାହିଁ ?

(ଜନତା, ପ୍ରଭଞ୍ଜନ, ସିନ୍ଧୁ, ଝାଉଁବଣ)

v) ଅନନ୍ତ ପ୍ରକୃତି ସାଙ୍ଗରେ କାହାର ନିତ୍ୟଯୋଗ ହୋଇଥାଏ ?

(ମନୁଷ୍ୟ, ପକ୍ଷୀ, ଈଶ୍ୱର, ପଶୁ)

୨ । କ) ଯେକୌଣସି **ତିନୋଟି** ପ୍ରଶ୍ନର ଉତ୍ତର *ଗୋଟିଏ* ଲେଖାଏଁ ବାକ୍ୟରେ ଦିଅ : ୧×୩=୩

i) ଶରଣ ବତ୍ସଳ ବୋଲି କବି କାହାକୁ କହିଛନ୍ତି ?

ii) ବନ୍ଦୀର ବିରହ ବ୍ୟଥା କବିତା ଗୋପବନ୍ଧୁଙ୍କ କେଉଁ ସଂକଳନରୁ ଆନୀତ ?

iii) କାହାକୁ ମହତପଣିଆ ବୋଲି କୁହାଯାଇଛି ?

iv) ପିଙ୍ଗଳା ଅଙ୍ଗର ପୁଲକକୁ କାହା ସହିତ ତୁଳନା କରାଯାଇଛି ?

ଖ) ଯେକୌଣସି **ଦୁଇଗୋଟି** ପ୍ରଶ୍ନର ଉତ୍ତର *ଦୁଇଟି* ଲେଖାଏଁ ବାକ୍ୟରେ ଲେଖ ଏବଂ ପ୍ରଶ୍ନାନୁସାରେ ପ୍ରତିଟି ଉତ୍ତରରେ ଲେଖା ଓ ଲେଖକଙ୍କ ସୂଚନା ଦିଅ : ୨×୨=୪

i) ''ରିକ୍ତ ଏ ମୋର ଶୁକ୍ତି ଗରଭେ ଫଳିଛି ମୁକ୍ତା ଫଳ'' - କେଉଁ ପ୍ରସଂଗରେ ଏହା କୁହାଯାଇଛି ?

ii) ରାମଚନ୍ଦ୍ର ଯଜ୍ଞରେ କ'ଣ ସବୁ ଦାନ କରୁଥିଲେ ?

iii) ରାଜାମାନେ ବିଦେଶୀଙ୍କୁ କିପରି କୁକ୍କୁଟାଣ୍ଡ ଖୁଆଉଥିଲେ ?

ଗ) ଯେକୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର *୩୦ଟି* ଶବ୍ଦ ମଧ୍ୟରେ ଲେଖ । ଉତ୍ତରରେ ଲେଖା ଓ ଲେଖକଙ୍କ ସୂଚନା ଦେବା ବାଞ୍ଛନୀୟ : ୩

i) ପିଙ୍ଗଳା ମନରେ ଆସିଥିବା ବୈରାଗ୍ୟର ପ୍ରଭାବ ଦର୍ଶାଅ ।

ii) କାଳ କାହିଁକି କ୍ରୂର ଅଟେ ?

ଘ) *୧୫୦ଟି* ଶବ୍ଦ ମଧ୍ୟରେ ଉତ୍ତର ଲେଖ । ଉତ୍ତରରେ ଲେଖା ଓ ଲେଖକଙ୍କ ସୂଚନା ଦିଅ : ୫

'ବଡ଼ପଣ' କବିତାର ସାରମର୍ମ ଲେଖ ।

**ଅଥବା**

'ବାର୍ତ୍ତା' କବିତାର ଆଭିମୁଖ୍ୟ ଦର୍ଶାଅ ।

ଙ) ପ୍ରତ୍ୟେକ ପ୍ରଶ୍ନର **ଚାରୋଟି** ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ତନ୍ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ : ୧×୫=୫

i) ''ଆସିଥିଲି ଫେରିଗଲି ଶୂନ୍ୟ ହସ୍ତେ'' - ଏହା କାହାର ଉକ୍ତି ?

(ସାମନ୍ତ ଚନ୍ଦ୍ରଶେଖର, ବିଶ୍ୱବିଜୟୀ ଆଲେକ୍‌ଜାଣ୍ଡାର, ଉତ୍କଳ ଗଜପତି, ଜଣେ ଭିକାରି)

ii) ରାମଚନ୍ଦ୍ରଙ୍କୁ ଚିଠି ଲେଖି ସୀତା କ'ଣ ମାଗିଥିଲେ ?

(ଲବକୁଶଙ୍କୁ ରାଜଭୋଗ ପ୍ରଦାନ ପାଇଁ, ତାଙ୍କ ଦୋଷ କ୍ଷମା କରିଦେବା ପାଇଁ, ନବପ୍ରଣୟିନୀଙ୍କୁ ହୃଦୟରେ ସ୍ଥାନ ନ ଦେବା ପାଇଁ, ନବ ପ୍ରଣୟିନୀ କେଉଁ ତପସ୍ୟା କରି ରାମଙ୍କୁ ପତି ରୂପେ ପାଇଲେ ତାହା ଜାଣିବା ପାଇଁ)

iii) ବନ୍ଦୀ ଗୋପବନ୍ଧୁଙ୍କ ପ୍ରାଣରେ କେଉଁ ଦୃଶ୍ୟ କଷ୍ଟ ଦେଉଥିଲା ?

(ଅସ୍ତଗାମୀ ସୂର୍ଯ୍ୟଙ୍କର ସ୍ନିଗ୍ଧ କିରଣ, ଅନ୍ୟ ଜଣେ ବନ୍ଦୀ ପ୍ରତି ଅତ୍ୟାଚାର, ସନ୍ଧ୍ୟାର ବିରହ ଦୃଶ୍ୟ, ନୀଡ଼ ବାହୁଡ଼ା ପକ୍ଷୀମାନଙ୍କ ଆଗମନର ଦୃଶ୍ୟ)

iv) ପିଙ୍ଗଳା କେଉଁ ନଗରର ନଟୀ ଥିଲା ?

(ଉଜ୍ଜୟିନୀ, କୋଶଳ, ଅବନ୍ତୀ, ବିଦେହ)

v) କାହାର ସାଧନା ଜୟଲାଭ କରୁ ବୋଲି କବି କହିଛନ୍ତି ?

(ବ୍ରହ୍ମଜ୍ଞାନର ସାଧନା, କ୍ରୁଶର ସାଧନା, ଉତ୍ପୀଡ଼ନର ସାଧନା, ଶିକ୍ଷାର ସାଧନା)

୩। କ) ଯେକୌଣସି **ତିନିଗୋଟି** ପ୍ରଶ୍ନର ଉତ୍ତର *ଗୋଟିଏ* ଲେଖାଏଁ ବାକ୍ୟରେ ଦିଅ : ୧×୩=୩

i) କେଉଁ ପତାକା ଏଠି ଉଡ଼ିପାରିବ ନାହିଁ ବୋଲି ବିଜୁ ଜେଜେଙ୍କୁ କହିଥିଲା ?

ii) କେଉଁମାନଙ୍କୁ ସମ୍ଭ୍ରାନ୍ତ ପକ୍ଷୀ ବୋଲି କୁହାଯାଇଛି ?

iii) ରାୟବାହାଦୁରଙ୍କ ବନ୍ଧୁକରେ ଖରା ପଡ଼ିଲେ କିପରି ଦେଖାଯାଏ?

iv) କଲିକତାକୁ ଗୋଟିଏ ବିଚିତ୍ର ଜାଗା କହିବାର କାରଣ କ'ଣ ?

ଖ) ଯେକୌଣସି **ଦୁଇଟି** ପ୍ରଶ୍ନର ଉତ୍ତର *ଦୁଇଟି* ଲେଖାଏଁ ବାକ୍ୟରେ ଲେଖ । ଲେଖା ଓ ଲେଖକଙ୍କ ସୂଚନା ଦେବାକୁ ହେବ : ୨ × ୨ = ୪

i) ହେମମାଳା ଦର୍ପିତାର କଣ୍ଠରେ କ'ଣ କହିଥିଲେ ?

ii) ମାତାଜୀଙ୍କ ପାଦଧୂଳି ନେଇ ଅଶୋକ ତାଙ୍କ ପାଖରୁ କେଉଁ ଗନ୍ଧ ଆଘ୍ରାଣ କରିପାରୁଥିଲେ ?

iii) ହଂସଯୁଗଳ କଚ୍ଛପର ମନୋରଞ୍ଜନ ପାଇଁ କ'ଣ କରୁଥିଲେ ?

ଗ) ଯେକୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର *୩୦ଟି* ଶବ୍ଦରେ ଦିଅ । ଉତ୍ତରରେ ଲେଖା ଓ ଲେଖକଙ୍କ ସୂଚନା ଦେବା ଆବଶ୍ୟକ : ୩ × ୧ = ୩

i) ଅରୁଣ ଘରଛାଡ଼ି ଚାଲିଗଲେ କାହିଁକି ?

ii) ମାଷ୍ଟରଜୀ ଚାକିରି ହରାଇ ରିକ୍ସା ଟାଣିଲେ କାହିଁକି ?

ଘ) ଲେଖା ଓ ଲେଖକଙ୍କ ସୂଚନା ସହ ଯେକୌଣସି **ଗୋଟିଏ** ପ୍ରଶ୍ନର ଦୀର୍ଘ ଉତ୍ତର *୧୫୦ଟି* ଶବ୍ଦ ମଧ୍ୟରେ ଲେଖ : ୫ × ୧ = ୫

i) ଇଂରାଜୀ ଶିକ୍ଷାର କୁପରିଣତି 'ସଭ୍ୟ ଜମିଦାର' ଗଳ୍ପରେ କିପରି ବର୍ଣ୍ଣିତ ହୋଇଅଛି, ଦର୍ଶାଅ ।

**ଅଥବା**

ii) ସୋମନାଥ ବିଜୁକୁ କେଉଁ ଆଶୀର୍ବାଦ କରିଛନ୍ତି - ପଠିତ ଗଳ୍ପ ଅବଲମ୍ବନରେ ଆଲୋଚନା କର ।



https://www.freshersnow.com/category/govt-boards/board-model-papers/

ଙ) ପ୍ରତ୍ୟେକ ପ୍ରଶ୍ନରେ ରହିଥିବା **ଚାରୋଟି** ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ : ୧×୫=୫

i) ବିଜୟ କାହାକୁ ବ୍ରିଟିଶ୍‌ର ଗୋଲାମ ବୋଲି କହିଛି ?

(ଭାଇଙ୍କୁ, ଜେଜେଙ୍କୁ, ଆଇଙ୍କୁ, ବିଦ୍ରୋହୀଙ୍କୁ)

ii) ନୌକାର ପାଲ କେତେ ଫଣା ବାସୁକୀ ପରି ନଇଁଯାଇ ଉପରକୁ ଉଠିଯାଏ ବୋଲି କୁହାଯାଇଛି ?

(ସହସ୍ର ଫଣା, ଶତଫଣା, ସପ୍ତଫଣା, ସହସ୍ରାଧିକ ଫଣା)

iii) 'କୁସଂସ୍କାର ବିମର୍ଦ୍ଦିନୀ ସଭା'ର ଅଧିବେଶନ କେଉଁ ଦିନ ହୋଇଥାଏ ?

(ରବିବାର, ମଙ୍ଗଳବାର, ଗୁରୁବାର, ସୋମବାର)

iv) କଚ୍ଛପ ମାଂସ କାହାର ଅଯୋଗ୍ୟ ବୋଲି ମହା ପଣ୍ଡିତେ କହିଥିଲେ?

(ସାଧାରଣ ମଣୋହି, ଦେବ ମଣୋହି, ରାଜ ମଣୋହି, ଜନ ମଣୋହି)

v) ହଂସମାନେ ବିଶ୍ୱାସଘାତକ ବୋଲି କିଏ କହିଛି ?

(ବକ, ଚିଲ, ଘରଚଟିଆ, କାଉ)

୪ । ନିମ୍ନରେ ପ୍ରଦତ୍ତ ଅନୁଚ୍ଛେଦଟିକୁ ପଢ଼ ଓ ନିଜ ଭାଷାରେ ଉତ୍ତର ଦିଅ । ସବୁ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ :

''ଯୋଗକୁ ହେଉ ବା ଦୁର୍ଯୋଗକୁ ହେଉ କୁରୁକୁଳର ଆଚାର୍ଯ୍ୟ ଦ୍ରୋଣ ଓ ପ୍ରଖ୍ୟାତ ଏକଲବ୍ୟ ମଧ୍ୟରେ ପୁଣିଥରେ ସାକ୍ଷାତ ହୋଇଛି । ଗୁରୁଙ୍କୁ ଚକିତ କରି ଏକଲବ୍ୟ ତା'ର ବିଦ୍ୟାର ପରିଚୟ ଦେଇଛି । ଅସବର୍ଣ୍ଣ ଓ ଅପାଂକ୍ତେୟ ହେଲେ ମଧ୍ୟ ଜଣେ ବିଦ୍ୟାକାମୀ ଆପଣାର ଶ୍ରଦ୍ଧା ଓ ବିଶ୍ୱାସ ବଳରେ କିପରି ପରମ୍ପରାଗତ ସକଳ ନିୟନ୍ତ୍ରଣକୁ ଲଂଘନ କରିଯାଇପାରେ, ଦ୍ରୋଣାଚାର୍ଯ୍ୟଙ୍କୁ



https://www.freshersnow.com/category/govt-boards/board-model-papers/

ଏକଲବ୍ୟ ତାହାରି ପରିଚୟ ଦେଇଛି । ଯେକୌଣସି ଆଚାର୍ଯ୍ୟ ଏଥିରେ ଗୌରବାନ୍ୱିତ ଅନୁଭବ କରିବାର କଥା । ଦ୍ରୋଣାଚାର୍ଯ୍ୟଙ୍କର ହୃଦୟ ଅସଲ ଆଚାର୍ଯ୍ୟର ହୃଦୟ ହୋଇଥିଲେ ଦ୍ରୋଣ ସେଦିନ ଏକଲବ୍ୟକୁ କୁଣ୍ଢାଇ ଧରିଥାନ୍ତେ । ଗୁରୁ ଛାତ୍ରଠାରୁ ଶିଖିଥାନ୍ତା, ପରମ୍ପରାର ନିର୍ମୋକ ଖସିପଡ଼ିଥାନ୍ତା, ଦ୍ରୋଣାଚାର୍ଯ୍ୟଙ୍କ ଭିତରେ ଥିବା ଅସଲ ଗୁରୁ ସେଦିନ ନବଜନ୍ମ ଲାଭ କରିଥାଆନ୍ତେ । କିନ୍ତୁ ମହାଭାରତ- କାର ବ୍ୟାସଦେବଙ୍କର କାବ୍ୟ ଦୃଷ୍ଟିରେ ହୁଏତ ଏତକ ସାହସ ନଥିଲା । ସାମାଜିକ ପ୍ରେୟ ଉପରେ ମାନବିକ ଶ୍ରେୟର ବିପୁଳତାକୁ ଚିହ୍ନି ନେବାଲାଗି ସାହିତ୍ୟ ଦୃଷ୍ଟିରେ ଯେଉଁ ସାହସ ରହିବା ଦରକାର, ବ୍ୟାସଦେବଙ୍କର ହୁଏତ ସେହି ସାହସ ନଥିଲା । ତେଣୁ ଏକଲବ୍ୟର ସାହସ ତାଙ୍କୁ ପ୍ରଧାନତଃ ଦୁଃସାହସ ବୋଲି ହିଁ ମନେହେଲା ଓ ସେ ଏହି ଦୁଃସାହସର ଶାସ୍ତି ଦେବାକୁ ଏକ ସାହିତ୍ୟିକ ନ୍ୟାୟ ଖୋଜି ବସିଲେ । ଏହି ଶାସ୍ତିକୁ ଏକ ଆବଶ୍ୟକତା ବୋଲି ଦେଖାଇବା ଉଦ୍ଦେଶ୍ୟରେ ଦ୍ରୋଣାଚାର୍ଯ୍ୟଙ୍କୁ ଆଚାର୍ଯ୍ୟର ଆସନରୁ ତଳକୁ ଓହ୍ଲାଇ ଆଣିବାକୁ ପଡ଼ିଲା । ତେବେ ଯାଇ ଏକଲବ୍ୟ କଥା ସଂପୂର୍ଣ୍ଣ ହେଲା । କୌଳିକତା ଜିତିଲା, କୁଳୀନତା ଜିତିଲା, କିନ୍ତୁ ଆଚାର୍ଯ୍ୟ ପଦର ଅପମାନ କରାଗଲା ।

ଫଳତଃ ଜ୍ଞାନୀ-ଦ୍ରୋଣ ଦ୍ୱେଷୀ ଦ୍ରୋଣରେ ରୂପାନ୍ତରିତ ହେଲେ । ଆଚାର୍ଯ୍ୟ ଦ୍ରୋଣ ଆପଣାର ପ୍ରଧାନତମ ଆଚାର ଧର୍ମ ଭୁଲି ଜଣେ ବିଦ୍ୟାର୍ଥୀର ଉତ୍କର୍ଷରେ ଈର୍ଷା ପ୍ରକାଶ କଲେ । ତାଙ୍କର ଈର୍ଷା ନିଜର ଶ୍ରଦ୍ଧାଶୀଳତାକୁ ମାରିଦେଲା । ତାହାର ବଦଳରେ ସେ ଚତୁରତାକୁ ଆପଣାର ସର୍ବୋପାଦେୟ ସନ୍ତକ ରୂପେ ବ୍ୟବହାର କରିବାକୁ ବାହାରିଲେ । ଏକଲବ୍ୟକୁ ସେ ଗୁରୁଦକ୍ଷିଣା ମାଗିଲେ । ସଂସ୍କୃତ ଭାଷାରେ ଦକ୍ଷିଣା ଓ ଦାକ୍ଷିଣ୍ୟ ଶବ୍ଦ ଦୁଇଟି ମଧ୍ୟରେ ଏକ ଧାତୁମୂଳ ସମ୍ବନ୍ଧ ରହିଛି । କିନ୍ତୁ ଏକଲବ୍ୟ ଓ ଦ୍ରୋଣଙ୍କ ଉପାଖ୍ୟାନରେ ଏଣିକି ଯେଉଁ ଦକ୍ଷିଣା ମାଗିବା ଓ ଦକ୍ଷିଣା ଦେବାର ଅଭିନୟ କରାଗଲା, ସେଥିରେ ଦାକ୍ଷିଣ୍ୟ ଲାଗି କୌଣସି ସ୍ଥାନ ହିଁ ନଥିଲା । ଦ୍ରୋଣ ଆଙ୍ଗୁଠି ମାଗିଲେ । ଏକଲବ୍ୟ ଆପଣା ହାତର ଆଙ୍ଗୁଠି କାଟିକରି ତାଙ୍କୁ ଦେଲା ।

**ପ୍ରଶ୍ନାବଳୀ :**

କ) *ଦୁଇଟି* ଲେଖାଏଁ ବାକ୍ୟରେ ଦିଅ : ୨×୩=୬

i) ଏକଲବ୍ୟ ଦ୍ରୋଣାଚାର୍ଯ୍ୟଙ୍କୁ କାହାର ପରିଚୟ ଦେଇଛି ?

ii) ବ୍ୟାସଦେବଙ୍କ କାବ୍ୟ ଦୃଷ୍ଟିରେ କେଉଁ ସାହସର ଅଭାବ ଥିଲା?

iii) ଜ୍ଞାନୀ ଦ୍ରୋଣ ଦ୍ୱେଷୀ ଦ୍ରୋଣରେ ରୂପାନ୍ତରିତ ହେବାରୁ କ'ଣ ଘଟିଲା ?

ଖ) ନିମ୍ନରେ ଏକ ପଦ୍ୟାଂଶ ଦିଆଯାଇଛି । ତାହାକୁ ପାଠକରି **ସମସ୍ତ** ପ୍ରଶ୍ନର ଉତ୍ତର *ଗୋଟିଏ* ଲେଖାଏଁ ବାକ୍ୟରେ ଦିଅ : ୧×୫=୫

''ଯନ୍ତ୍ର ତତେ କି ମନ୍ତ୍ର ଦେଇଛି ମାଟିର ମଣିଷ ଆରେ,
ମୁଗ୍‌ଧ ତୋହର ଚିତ୍ତ ଗହନେ ଚିହ୍ନି ପାରୁନୁ ବାରେ ?
ମଥା ଟେକି ସେଇ ଯନ୍ତ୍ର ଯେ ସଦା ରୁଦ୍ର ଦାନବ ପରି
ଛିଡ଼ା ହୋଇଅଛି ଚାରିପାଶେ ତା'ର ଲୁହାର ଫଉଜ ଧରି ।
ଗର୍ଜି ଉଠୁଛି ଥରେ ଥରେ ପୁଣି ଭୀମ ଭୈରବ ରବେ
ନିଃଶ୍ୱାସ-ଧୂମ-ଉଚ୍ଛ୍ୱାସ ତା'ର ଛାଡ଼ଇ ମୌନ ନଭେ ।
ଦେଖିପାରୁନୁ କି ତୁରେ,
ଚିହ୍ନିପାରୁନୁ ବହ୍ନିଶିଖା ଯେ ଜଳୁଛି ତାହାର ମୂଳେ ?''

**ପ୍ରଶ୍ନାବଳୀ :**

i) ଯନ୍ତ୍ର କାହାକୁ ମନ୍ତ୍ର ଦେଇଛି ?

ii) କିଏ ରୁଦ୍ର ଦାନବ ପରି ଦେଖାଯାଉଛି ?

iii) ଲୁହାର ଫଉଜ ଧରି କିଏ, କିପରି ଗର୍ଜନ କରୁଛି ?

iv) ଧୂମ-ଉଚ୍ଛ୍ୱାସକୁ କବି କ'ଣ କହିଛନ୍ତି ?

v) ମାଟିର ମଣିଷ କ'ଣ ଚିହ୍ନିପାରୁ ନାହିଁ ବୋଲି କୁହାଯାଇଛି ?

ଗ) **ଗୋଟିଏ** ପ୍ରଶ୍ନର ସର୍ଜନାତ୍ମକ ଲିଖନ ପ୍ରସ୍ତୁତ କର : ୫

i) ଅତି ଲେମ୍ବୁ ଚିପୁଡ଼ିଲେ ପିତା

ii) ଘର ଢିଙ୍କି କୁମ୍ଭୀର

iii) ବିଦ୍ୟା ଅଟଇ ମହାଧନ

ଘ) କିଛି ପୁସ୍ତକ କ୍ରୟ କରିବା ପାଇଁ ପୁସ୍ତକ ପ୍ରକାଶକଙ୍କ ନିକଟକୁ ପତ୍ର ଲେଖ । ୫

**ଅଥବା**

ଛାତ୍ର କଲ୍ୟାଣ ପାଣ୍ଠିରୁ ଆର୍ଥିକ ସାହାଯ୍ୟ ଦେବା ନିମନ୍ତେ ତୁମ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ନିକଟକୁ ଏକ ଦରଖାସ୍ତ ଦିଅ ।

ଙ) **ଗୋଟିଏ** ଲେଖାଏଁ ବାକ୍ୟରେ ଉତ୍ତର ଲେଖ : ୧×୪=୪

i) ଜଣେ ବିଦ୍ୟାଲିପ୍ସୁ ବ୍ୟକ୍ତି କେଉଁ ଗୁଣବଳରେ ପରଂପରାକୁ ଅତିକ୍ରମ କରିଯାଇପାରେ ?

ii) ଦ୍ରୋଣାଚାର୍ଯ୍ୟଙ୍କ ହୃଦୟରେ ଅସଲ ଆଚାର୍ଯ୍ୟଙ୍କ ହୃଦୟ ହୋଇଥିଲେ ସେ କ'ଣ କରିଥାଆନ୍ତେ ?

iii) ଏକଲବ୍ୟର ସାହସ ବ୍ୟାସଦେବଙ୍କୁ କିପରି ମନେହେଲା ?

iv) ଜ୍ଞାନୀ-ଦ୍ରୋଣଙ୍କର ଭାବମୂର୍ତ୍ତି ଶେଷରେ କ'ଣ ହେଲା ?

୫ । ନିମ୍ନରେ ଦିଆଯାଇଥିବା ଗଦ୍ୟ ଅନୁଚ୍ଛେଦଟିର ସଂକ୍ଷିପ୍ତ ରୂପ ଏକ ତୃତୀୟାଂଶ ଶବ୍ଦରେ ପ୍ରକାଶ କର : ୫

ଅଗଷ୍ଟ ପନ୍ଦରରେ ଆଜି ମନେପଡ଼େ ନୃଶଂସ ଜେନେରାଲ ଡାୟାର । ଜାଲିଆନାୱାଲା ବାଗ୍‌ରେ ଆଜି ଯେଉଁ ନଭଶ୍ଚୁମ୍ବୀ ସ୍ମରଣ ସ୍ତମ୍ଭ ଠିଆ ହୋଇଛି, ଠିକ୍ ସେଇଠି ମଶାମାଛି ପରି ମଣିଷକୁ ମାରିଥିଲା ଜେନେରାଲ ଡାୟାର । ପୁଣି କେତେ ବର୍ଷ ପରେ ୧୯୪୨ରେ ଭାରତୀୟ ଜନତା ଉପରେ ବ୍ରିଟିଶ୍

ସରକାରଙ୍କର ଗୁଳି ଚାଲିଲା ପାଞ୍ଚଶହ ଅଠତିରିଶ ଥର । ମରିଥିଲେ ଏକ ହଜାର ଅଠାଇଶ, ଆହତ ହେଲେ ବତିଶି ଶହ, ତା'ଛଡ଼ା ଜେଲ୍, ଜୋରିମାନା, ମାଡ଼ଗାଳି, ଅତ୍ୟାଚାରର ସୀମା ରହିଲା ନାହିଁ ।

ଏବେ ପୁଣି ମନେପଡ଼ନ୍ତି ପଣ୍ଡିତ ନେହେରୁ । ପଞ୍ଜାବର କେଉଁ ଏକ ଅନାମଧେୟ ନାଭା ଜେଲରେ ତାଙ୍କ ଉପରେ ହେଲା ଦାରୁଣ ଅତ୍ୟାଚାର । ନିରନ୍ଧ୍ର ନିଭୃତ କୋଠରୀ, ମଶା, ମାଛି, ମୂଷାମାନଙ୍କର ଉପଦ୍ରବ। କୋଟିପତି ମୋତିଲାଲଙ୍କ ପୁଅ ଜବାହର, ହାରୋଏଟନ୍‌ର ରାଜକୁମାର ଜବାହାର । କାହାଣୀ ପରି ଲାଗେ - ନାଭା ଜେଲରେ ଶୟନ, ମୁହଁ ଉପରେ ମଶାମାନଙ୍କର ବେହରଣ । ଶୋଇବା ନ ହେଲେ ଉଠିବସି ଭାରତର ଭବିଷ୍ୟତ କଥା ଭାବିଲେ ଅମୃତ ପୁତ୍ର ଜବାହାର । ବହୁବାର ଜେଲ୍ ଜୋରିମାନାର ସମ୍ମୁଖୀନ ହୋଇ ଆଧୁନିକ ଭାରତର ଭାଗ୍ୟବିଧାତା ବ୍ରିଟିଶ୍ ଜଜ୍‌ମାନଙ୍କୁ ଯାହା ଶୁଣାଇଥିଲେ, ମନେପଡ଼ିଲେ ଅନ୍ତର ଆଜି ଗର୍ବରେ ଭରିଯାଏ । ଥରେ କଚେରୀରେ ତାଙ୍କ ବିଚାର ଚାଲିଥିଲା ବେଳେ ଜଜ୍‌ଙ୍କୁ ସେ ଶୁଣାଇଥିଲେ - "ସ୍ୱାଧୀନତା ସଂଗ୍ରାମରେ ଭାରତର ସେବା କରିବାଠୁଁ ବଳି ସୌଭାଗ୍ୟ ଆଉ କିଛି ହୋଇପାରେନା । ତା'ଛଡ଼ା ମହାତ୍ମାଗାନ୍ଧିଙ୍କ ପରି ନେତାଙ୍କ ନିର୍ଦ୍ଦେଶରେ କାମ କରିବା ଏକ ପରମ ସୌଭାଗ୍ୟ । ଦେଶର ପୂର୍ଣ୍ଣ ସ୍ୱାଧୀନତା ପାଇଁ ଲକ୍ଷ ଲକ୍ଷ ଦେଶ ପାଇଁ ଆତ୍ମବଳି ଦେବାଠାରୁ ଅଧିକ ଗୌରବ ଆଉ ମଣିଷର କ'ଣ ହୋଇପାରେ ?" ଆଜି ଏସବୁ ଇତିହାସ । ଯେଉଁମାନେ ମୁହାଁମୁହିଁ ଠିଆହୋଇ ରକ୍ତମାଂସର ଶରୀର ନେଇ ଏସବୁ ସହ୍ୟ କରିଥିଲେ, ସେମାନେ ଏବେ ଇତିହାସର କଥାବସ୍ତୁ । ସେହିମାନଙ୍କ ଚରମ ତ୍ୟାଗର ମୂଲ୍ୟରେ ଏହି ଦେଶକୁ ବୋହି ଆଣିଥିଲେ ସ୍ୱାଧୀନତାର ଉଜ୍ଜ୍ୱଳ ଆଲୋକ ।

୬ । i) ଏକ ପଦରେ ପ୍ରକାଶ କର : (**ଦୁଇଟିର**) ୧×୨=୨

ଜାଣିବାର ଇଚ୍ଛା, ଗଣପତିଙ୍କର ଉପାସକ, କଣ୍ଠ ପର୍ଯ୍ୟନ୍ତ ଭୋଜନ, ଭିକ୍ଷାର ଅଭାବ

ii) ଦୁଇଯୋଡ଼ା ସମୋଚ୍ଚାରିତ ଶବ୍ଦର ଭିନ୍ନ ଅର୍ଥ ଲେଖ : ୧ × ୨ = ୨

କୁଳ - କୂଳ, ଚୁଡ଼ା - ଚୂଡ଼ା,

କୁଜନ - କୂଜନ, କୃତି - କୃତୀ

iii) ନିମ୍ନରେ ଦିଆଯାଇଥିବା **ଦୁଇଟି** ଶବ୍ଦର ବିପରୀତ ଅର୍ଥବୋଧକ ଶବ୍ଦ ଲେଖ : ୧ × ୨ = ୨

ଅସଲି, ଆଧୁନିକ, ଅନୁକୂଳ, ଅଳସ

iv) ନିମ୍ନଲିଖିତ ଦୁଇଟି ଶବ୍ଦର ଭ୍ରମ ସଂଶୋଧନ କର : ୧ × ୨ = ୨

ଅନ୍ଧୁଣି, ଦାଶରଥୀ, ଦୁରାବସ୍ଥା, ସୂର୍ଯ୍ୟପରାଗ

v) **ଦୁଇଟି** ରୂଢ଼ିକୁ ବାକ୍ୟରେ ପ୍ରୟୋଗ କର : ୧ × ୨ = ୨

କଟା ଘା'ରେ ଚୂନ ଦେବା, ଜିରାରୁ ଶିରା କାଢ଼ିବା, ମୁଣ୍ଡ ଝାଳ ତୁଣ୍ଡରେ ମାରିବା, ଚାରି ଦଉଡ଼ି କଟା

---